# ଶିବଙ୍କ ମନ୍ତ୍ର ଧ୍ୱନିରେ ପୀଠ ପ୍ରକମ୍ପିତ


ଚଣ୍ଡିଖୋଲ ମହାବିନାୟକ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।

ଚଣ୍ଡିଖୋଲ/ବଡ଼ଚଣା,୮।୩
(ଦିଲୀପ କୁମାର ମହାନ୍ତି/ପ୍ରଦୀପ୍ତ କୁମାର ପୃଷ୍ଟି)

ଶିବରାତ୍ରି ପାଇଁ ବଡ଼ଚଣା ବ୍ଲକ୍ ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ବହୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ପ୍ରସିଦ୍ଧ ଶୈବ ପୀଠ ମହାବିନାୟକ ମନ୍ଦିରରେ ରାତି ୩ଟାରୁ ମନ୍ଦିର ଖୋଲାଯାଇ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁ ଧାଡ଼ିରେ ଆସି ଠାକୁରଙ୍କୁ ଦର୍ଶନ କରିଥିଲେ। ଶିବଙ୍କ ମନ୍ତ୍ର ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୪ ଇନ୍ସପେକ୍ଟର, ୧୧ ସବ୍‌ଇନ୍ସପେକ୍ଟର, ୨୨ ଏଏସ୍‌ଆଇ, ୧୦ ହାବିଲଦାର, ୩୦ କନଷ୍ଟେବଲ, ୫୦ ଗୃହରକ୍ଷୀ ଓ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ରାତି ୧ଟାରେ ପ୍ରଭୁଙ୍କ ମହାଦୀପ ଉଠିଥିଲା। ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଭକ୍ତମାନଙ୍କୁ ମହାବିନାୟକ ମନ୍ଦିରକୁ ନେବା ଆଣିବା ପାଇଁ ଏକ ମାଗଣା ବସ୍‌ର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ଦହି ସରବତ ଯୋଗାଇ ଦିଆଯାଇଥିଲା। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ସେହିପରି ବଡ଼ଚଣାର ଖୋସାଲିପୁର, ନିଶିମଳା, ସୁଙ୍ଗୁଡ଼ା, ଧାନମଣ୍ଡଳ, ଖଇରା, ବଡ଼ଚଣା, ବନ୍ତଳା, ବନ୍ଧାଲୋ, ବୈରୀ, ପାରିଆ, କଇମାଟିଆ, ସମିଆ ଓ ଶାଳପଡ଼ା ପ୍ରମୁଖ ଶୈବ ପୀଠରେ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ଜେନାପୁର ଅଞ୍ଚଳରେ ଜାଗର ଉତ୍ସବ

ଜେନାପୁର,୮।୩ (ଅଶୋକ ଦାସ)

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର (ଷଣ୍ଢପୁର) ସିଦ୍ଧେଶ୍ୱର ଶିବମନ୍ଦିରରେ ଜାଗର ଉତ୍ସବ ପାଳିତ ହୋଇଯାଇଛି। ଜାଗର ଦୀପ ଜାଳିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାଦେବଙ୍କ ପ୍ରାତଃ ପୂଜା ଆଳତି ପରେ ବିଧିଅନୁସାରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଧୂପ, ସନ୍ଧ୍ୟାଧୂପ ଆଳତି ଦେଖିବାପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ଚାରଗୋଠସ୍ଥିତ କଠଉଣୀଶ୍ୱର, ରଘୁନାଥପୁରସ୍ଥିତ ରଘୁନାଥେଶ୍ୱର, ଧବେଳେଶ୍ୱର, ଆଖଣ୍ଡଳମଣିଶ୍ୱର ବ୍ରହ୍ମପୁରସ୍ଥିତ ଅମୃତେଶ୍ୱର, ଗୋଡ଼ିପାଟିଆ ସ୍ଥିତ ରାମେଶ୍ୱର, କବଟବନ୍ଧସ୍ଥିତ କପଟୀଶ୍ୱର, ବାଲୁଙ୍କେଶ୍ୱର, କପିଳେଶ୍ୱର, ତ୍ରିନାଥେଶ୍ୱର ଓ ଶ୍ୟାମେ ଶ୍ୱର ଆଦି ଶୈବପୀଠରେ ଭକ୍ତଙ୍କ ଭିଡ଼ ଜମିଥିଲା। ଦୀପ, ପୁଷ୍ପ ଓ ଆଲୋକ ମାଳାରେ ପୀଠଗୁଡ଼ିକ ଝଲସି ଉଠିଥିଲା। ପ୍ରତ୍ୟେକ ପୀଠରେ ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ମଧ୍ୟରାତ୍ରି ବେଳକୁ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁ ଉଜାଗର ରହି ଦୀପ ଜାଳିଥିଲେ। ଜେନାପୁର ଥାନା ପକ୍ଷରୁ ସମସ୍ତ ଶୈବପୀଠରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।


ସିଦ୍ଧେଶ୍ୱର ଶିବମନ୍ଦିରରେ ପୂଜାର୍ଚ୍ଚନା।

## ବରୁଣେଶ୍ୱରପୀଠରେ ମହାଶିବରାତ୍ରି



ବାବା ବରୁଣେଶ୍ୱରଙ୍କ ପୀଠ।

ବିଞ୍ଝାରପୁର,୮।୩ (ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠରେ ଶୁକ୍ରବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ଅରେଇସ୍ଥିତ ବାବା ବରୁଣେଶ୍ୱରଙ୍କ ମନ୍ଦିରରେ ମହାସମାରୋହରେ ଜାଗର ପର୍ବ ଅନୁଷ୍ଠିତ ହୋଇଛି। ବାବାଙ୍କୁ ଶୁକ୍ରବାର ବ୍ରାହ୍ମମୁହୂର୍ତ୍ତରୁ ଜଳରୁ ବାହାର କରାଯାଇ ପ୍ରଭାତ ଆଳତି, ପରେ ରୁଦ୍ରାଭିଷେକ, ବିଧିମୁତାବକ ଶୋଡ଼ଷ ଉପଚାର ପୂଜାର୍ଚ୍ଚନା ଓ ବଡ଼ସିଂହାର ବେଶ କରାଯାଇଥିଲା। ପରେ ବହୁ ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ରାତି ୧୦ଟା୩୦ରେ ମହାଦୀପ ପ୍ରଜ୍ୱଳନ କରାଯାଇଥିଲା। ସେହିପରି ମାଁସଡାସ୍ଥିତ ବାବା ଖରିଆଶ୍ୱର, ଗୌଡ଼ସାହିସ୍ଥିତ ବାବା କଲ୍ୟାଣେଶ୍ୱର, କଲ୍ୟାଣପୁରସ୍ଥିତ ବାବା ବରୁଣେଶ୍ୱର, ବାବା ସମଲେଶ୍ୱର ଓ ଅରିଲୋସ୍ଥିତ ବାବା ଶ୍ୟାମେଶ୍ୱର ଶୈବପୀଠରେ ମହାଶିବରାତ୍ରି ପାଳନ କରାଯାଇଛି।

## ଶ୍ରଦ୍ଧାଳୁଙ୍କ ମହାଦେବ ଦର୍ଶନ, ପୂଜାର୍ଚ୍ଚନା


ଝାନେଶ୍ୱର ପୀଠକରେ ଶ୍ରଦ୍ଧାଳୁ।


ପାହାଡ଼ତଳି ଆଖଣ୍ଡଳମଣିଙ୍କ ପୀଠରେ ମହିଳାଙ୍କ ପୂଜାର୍ଚ୍ଚନା।

ଧର୍ମଶାଳା/କାଏମା, ୮।୩
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ବିଭିନ୍ନ ଶୈବପୀଠକୁ ଯାଇମହାଦେବଙ୍କୁ ଦର୍ଶନ କରିଛନ୍ତି। ମହାଶିବରାତ୍ରି ପାଇଁ ଶୈବପୀଠ ଗୁଡ଼ିକରେ ଶୁକ୍ରବାର ସକାଳୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଜାରକାସ୍ଥିତ ପ୍ରସିଦ୍ଧ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ମହାଦେବଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କୁ ପରିଚାଳନା କମିଟି ପକ୍ଷରୁ ଟ୍ରଷ୍ଟି ବେଣୁଧର ନାୟକ, ଯୁଧିଷ୍ଠିର ସ୍ୱାଇଁ, ବିଜୟ ରାୟ, ପ୍ରଫୁଲ୍ଲ ରାୟ, ନନ୍ଦକିଶୋର ସ୍ୱାଇଁ, ଶ୍ୟାମସୁନ୍ଦର ରାୟ ଓ ଦୁଃଶାସନ ସ୍ୱାଇଁ ପ୍ରମୁଖ ସଦସ୍ୟ ସହାୟତା କରିଥିଲେ। ଜାରକା ତ୍ରିନାଥେଶ୍ୱର ମନ୍ଦିରରେ ଅନୁଷ୍ଠିତ ଜାଗର ଉତ୍ସବରେ କମିଟି ପକ୍ଷରୁ ଅଜୟ ମହାପାତ୍ର, କିଶୋର ନାୟକ, ଇନ୍ଦ୍ରମଣି ନାୟକ, ସତ୍ୟପ୍ରିୟ ମହାନ୍ତି, ଅନିରୁଦ୍ଧ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜାରକା ଟ୍ୟାକ୍ସିଷ୍ଟାଣ୍ଡ ନିକଟ ଚନ୍ଦନେଶ୍ୱର, କୋତପୁରସ୍ଥିତ ବୁଦ୍ଧଲିଙ୍ଗ ମହାଦେବ ମନ୍ଦିର, ଅଭୟପୁରସ୍ଥିତ ଝାନେଶ୍ୱର ମନ୍ଦିର, ମିର୍ଜାପୁରସ୍ଥିତ ପାଳେଶ୍ୱର ମନ୍ଦିର, ଚୋରମୁହାଁସ୍ଥିତ ନଣ୍ଡା ମହାଦେବ ମନ୍ଦିର, ସ୍ୱପ୍ନେଶ୍ୱର ମହାଦେବ, ଝାଡ଼େଶ୍ୱର ମନ୍ଦିର, ମୁକ୍ତେଶ୍ୱର ମହାଦେବ ମନ୍ଦିର, ଗଙ୍ଗେଶ୍ୱର ମହାଦେବ, ଲୋକନାଥ ମହାଦେବ ମନ୍ଦିର, ପଲାରସ୍ଥିତ ମହାଦେବ ମନ୍ଦିର, ନୂଆଗାଁ ସ୍ଥିତ ଶିବ ମନ୍ଦିର ଓ ପଣ୍ଡୁଆସ୍ଥିତ ମହାଦେବ ମନ୍ଦିରରେ ମହାଶିବରାତ୍ରି ମହାଆଡମ୍ବର ସହକାରେ ପାଳିତ ହୋଇଛି। ଶ୍ରଦ୍ଧାଳୁ ମହାଦୀପ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କରିରହିଥିବା ଦେଖିବାକୁ ମିଳିଥିଲା। ଭକ୍ତ ଧାଡ଼ିରେ ଆସି ମହାଦେବଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଶୈବପୀଠରେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ବାବା ମୁକ୍ତେଶ୍ୱର ମହିମା କ୍ୟାସେଟ ଉନ୍ମୋଚିତ

ସିଂହପୁର,୮।୩(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାପୁର ବ୍ଲକ୍ ବାଙ୍ଗରା ପଞ୍ଚାୟତ ଛୋଟାଗଡ଼ି ବିଲସାହିର ବାବା ମୁକ୍ତେଶ୍ୱର ମନ୍ଦିର ପରିସରରେ ବାବା ମୁକ୍ତେଶର ମହିମା କ୍ୟାସେଟ ଉନ୍ମୋଚିତ ହୋଇଯାଇଛି। ଏଥିରେ ଦିନେଶ କୁମାର ମଲ୍ଲିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଗୀତିକାର ନଳିନୀ ପ୍ରଭା ଦାସ ଗୀତଗୁଡ଼ିକୁ ରଚନା କରିଛନ୍ତି। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅରୂପମା ନାୟକ ଓ ପ୍ରିୟେଶ ପଣ୍ଡା କଣ୍ଠଦାନ କରିଛନ୍ତି। କ୍ୟାସେଟ ଉନ୍ମୋଚନ ଉତ୍ସବରେ ବିପିନ ମଲ୍ଲିକ, ସନ୍ତୋଷ ପଣ୍ଡା, ରତ୍ନାକର ସାହୁ ଓ ସୌମ୍ୟରଞ୍ଜନ ଥାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଯାଜପୁର ସହରର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼


ବାବା ରାମେଶ୍ୱର


ବାବା ମୁକ୍ତେଶ୍ୱର


ବାବା ଲିଙ୍ଗେଶ୍ୱର।

ଯାଜପୁର ଟାଉନ,୮।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ସହର ଓ ଉପକଣ୍ଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏଥିପାଇଁ ସହର ଏବଂ ଆଖପାଖ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଭିଡ଼ ଜମିଛି। ସହରର ସିଦ୍ଧେଶ୍ୱର, କାଳେଶ୍ୱର, ଉତ୍ତରେଶ୍ୱର, ବୈଦ୍ୟନାଥ, ବଲ୍ଲଭେଶ୍ୱର, ଧବଳେଶ୍ୱର, ପ୍ରଭାକରେଶ୍ୱର, ଦାରୁକେଶ୍ୱର, ବାବା ଲିଙ୍ଗେଶ୍ୱର, ଈଶାଣେଶ୍ୱର, ଝାନେଶ୍ୱର, ରାଜେଶ୍ୱର, ଇନ୍ଦ୍ରଆଖଣ୍ଡଳେଶ୍ୱର, ଏକାଦଶରୁଦ୍ର, ତ୍ରିଲୋଚନେଶ୍ୱର, ମୁକ୍ତେଶ୍ୱର, ଅଗ୍ନେଶ୍ୱର, ଗଙ୍ଗେଶ୍ୱର, ପାତାଳେଶ୍ୱର, ବାରୁଣେଶ୍ୱର, ଲଳିତେଶ୍ୱର, ବେଲେଶ୍ୱର ଓ ରାମେଶ୍ୱର ଆଦି ମନ୍ଦିରରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ଶିବକୃପା ଲାଭ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରତିମା


@ ଶ୍ୟାମସୁନ୍ଦର


@ ତରୁଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଛୋଟାଗଡ଼ି ପୀଠରେ ୩୦ ହଜାର ଶ୍ରଦ୍ଧାଳୁ

ସିଂହପୁର,୮।୩ (ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛୋଟା ଗଡି ବିଲସାହିର ବାବା ମୁକ୍ତେଶ୍ୱର ପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏଥିପାଇଁ ପୀଠରେ ପ୍ରାୟ ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରଭାତରୁ ରାତ୍ରି ଯାଏ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ସିଂହପୁରର ସିଙ୍ଗେଶ୍ୱର, ଚନ୍ଦନପୁରର ଚନ୍ଦନେଶ୍ୱର ସମେତ ଆଖପାଖ ଅଞ୍ଚଳର ବିଭିନ୍ନ ଶୈବପୀଠରେ ମହା ଶିବରାତ୍ରି ପାଳିତ ହୋଇଯାଇଛି।

## ରାଜ୍ୟସ୍ତରୀୟ ଡିଫାକପ ଫୁଟବଲ: ଭଦ୍ରକ ସେମିରେ

ଧର୍ମଶାଳା,୮।୩ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଫୁଟବଲ ଆସୋସିଏସନ ଓ ରଞ୍ଜିତ ସ୍ୱାଇଁ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ରାଜ୍ୟସ୍ତରୀୟ ଡିଫା କପ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଏଫସି କଳିଙ୍ଗନଗରକୁ ୨/୧ ଗୋଲରେ ପରାସ୍ତ କରି ୟୁନାଇଟେଡ କ୍ଲବ ଭଦ୍ରକ ସେମି ଫାଇନାଲରେ ପ୍ରବେଶ କରିଛି।ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭଦ୍ରକର ବାମଦେବ ଟୁଡୁ ଗୋଟିଏ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଭଦ୍ରକର ପପୁ ବେସ୍ରା ଗୋଟିଏ ଗୋଲ ଦେଇଥିବାବେଳେ କଳିଙ୍ଗନଗରର ବିନ ସଏ ଗୋଟିଏ ଗୋଲ ଦେଇଥିଲେ। ଭଦ୍ରକର ବାମଦେବ ଟୁଡୁଙ୍କୁ ମ୍ୟାନ୍‌ଅଫ ଦି ମ୍ୟାଚ୍ ଓ ପପୁ ବେସ୍ରାଙ୍କୁ ବେଷ୍ଟ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌ରେ ଅତିଥି ଭାବେ ଇତିଶ୍ରୀ ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ପ୍ରବୋଧ କୁମାର ପାତ୍ର ପରିଚାଳନା କରିଥିବାବେଳେ ସେକ୍ ସଲିମ ଅହମ୍ମଦ ଓ ଚିତ୍ତରଞ୍ଜନ ଜେନା ଲାଇନରେ ସହାୟତା କରିଥିଲେ। ଶନିବାର ମ୍ୟାଚ୍ ଆୟୋଜକ ଡିଫା ଧର୍ମଶାଳା ଓ ନେତାଜୀ କ୍ଲବ ରାଜକନିକା ମଧ୍ୟରେ ଅନୁଷ୍ଠିତ ହେବ।

## ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରି ୧୦ ଗିରଫ

ଗୋ ଚାଲାଣ ସନ୍ଦେହରେ ଅଟକାଇଥିଲେ ଯୁବକ

କଳିଙ୍ଗନଗର,୮।୩ (ଶୁଭାଶିଷ ରାଉତ)

ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ି ମାରିବା ଅଭିଯୋଗରେ କଳିଙ୍ଗନଗର ପୋଲିସ ୧୦ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ବାରଗାଡ଼ିଆର ସନାତନ ମହାରଣା, ଜନ୍ମେଜୟ ଦେଓ, ପ୍ରଭାସ ଦେଓ, ଡୁବୁରୀର ବିଷ୍ଣୁଚରଣ ବାରିକ, ଶ୍ରୀକାନ୍ତ ଦେଓ, ରମେଶ ନାୟକ, ମାନସ ରାଉତ, ଇନ୍ଦ୍ରଜିତ ମହନ୍ତ, ସୁକିନ୍ଦା ଆମ୍ଳୋଳବାର ସୁଶାନ୍ତ ମହନ୍ତ ଓ ସୁକିନ୍ଦା ଥାନା ଜାମପଶିର ସତ୍ୟଜିତ ପୁହାଣ। ଏନେଇ ପୋଲିସ ନଂ.୫୭।୨୪ରେ ଏକ ମାମଲା ରୁଜୁ କରିଛି। ଅଭିଯୋଗ ମୁତାବକ, ଗୁରୁବାର ରାତିରେ ଗୁଜରାଟକୁ ଟ୍ରକରେ ବାଦାମ ଚାଲାଣ ହେଉଥିଲା। ଉକ୍ତ ଯୁବକମାନେ ଗୋରୁ ବୋଝାଇ କରି ନେଉଥିବା ସନ୍ଦେହରେ ଗାଡିକୁ ଅଟକାଇ ପାଲ ଖୋଲିବାକୁ ଡ୍ରାଇଭରଙ୍କୁ କହିଥିଲେ। ହେଲେ ଓଟିପି ଲକ କରାଯାଇଥିବାରୁ ଡ୍ରାଇଭର ପାଲ ଖୋଲି ନ ଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଉକ୍ତ ଯୁବକମାନେ ଡ୍ରାଇଭରଙ୍କୁ ନିସ୍ତୁକ ମାଡ ମାରିଥିଲେ। ପାଲ ଖୋଲିବା ପରେ ଟ୍ରକରେ ବାଦାମ ଥିବା ଜାଣିବାକୁ ପାଇଥିଲେ। ପରେ ଏ ସମ୍ପର୍କରେ କଳିଙ୍ଗନଗର ଥାନାରେ ଡ୍ରାଇଭର ଶ୍ରୀରାମ ଅଭିଯୋଗ କରିବା କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ବାଇକ୍ ଧକ୍କାରେ ଜଣକଙ୍କର ମୃତ୍ୟୁ

ଜେନାପୁର,୮।୩ (ଅଶୋକ ଦାସ)

ଜେନାପୁର ଥାନା ଅଧୀନ ରାଇଛନ୍ଦା ଗ୍ରାମ ନିକଟ ନଦୀବନ୍ଧ ରାସ୍ତାରେ ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁହୋଇଥିବା ବେଳେ ଆନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକହେଲେ ରାଇଛନ୍ଦା ଗ୍ରାମର ଅଶୋକ ସାହୁ(୪୭)। ଭୋର ସମୟରେ ଅଶୋକ ନଦୀକୁ ଶୌଚ ହେବା ପାଇଁ ରାସ୍ତା ପାର ହୋଇ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଜଣେ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ସେ ବାଲିକୁଦିଆ ଅଞ୍ଚଳର ବୋଲି ଶୁଣିବାକୁ ମିଳୁଛି। ମୃତ ଅଶୋକଙ୍କ ପୁଅ ରୁଦ୍ରପ୍ରତାପ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ମିଥ୍ୟା ପରିଚୟ ଦେଇ ଯୁବତୀଙ୍କୁ ବିବାହ

- ଧର୍ମ ପରିବର୍ତ୍ତନ କରିବାକୁ ବାଧ କରାଯାଇଥିଲା
- ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ

ଯାଜପୁର ରୋଡ଼,୮।୩ (ପବିତ୍ର ରଞ୍ଜନ ମହାନ୍ତି)

ନିଜକୁ ହିନ୍ଦୁ ପରିଚୟ ଦେଇ ଜଣେ ମୁସଲିମ ଯୁବକ ଜଣେ ଯୁବତୀଙ୍କୁ ବିବାହ କରି ନିର୍ଯାତନା ଦେଇଥିବା ଯାଜପୁରରୋଡ଼ ଥାନାରେ ଅଭିଯୋଗ ହୋଇଛି । ଏନେଇ ଯାଜପୁର ରୋଡ ଥାନାରେ ୪୯୮,୨୨୩/୩୪ ଆଇପିସିରେ ଏକ ମାମଲା(୧୬୩/୨୪) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପଶ୍ଚିମବଙ୍ଗ ମୁର୍ଶିଦାବାଦର ବିଟୁ ବିଶ୍ୱାସ ଓରଫ ଶେଖ ସୋଲେମାନ ମିଥ୍ୟା ପରିଚୟ ଦେଇ ଯାଜପୁର ରୋଡ ଅଞ୍ଚଳରେ ଜଣେ ହିନ୍ଦୁ ଯୁବତୀଙ୍କୁ ବିବାହ କରିଥିଲେ। ନିଜର ନୂତନ ଆଧାର କାର୍ଡରେ ଶେଖ ସୋଲେମାନ ନାମକୁ ବଦଳାଇ ବିଟୁ ବିଶ୍ୱାସ ନାମରେ ମିଛ ପରିଚୟ ଦେଇଥିଲେ। ଉକ୍ତ ଯୁବତୀଙ୍କୁ ବିବାହ କରିବା ପରେ ନିଜ ଘର ମୁର୍ଶିଦାବାଦକୁ ନେଇ ଯାଇଥିଲେ । ସେଠାରେ ଧର୍ମ ପରିବର୍ତ୍ତନ ପାଇଁ ସେହି ଯୁବତୀଙ୍କୁ ବାଧ କରିଥିଲେ । ତେବେ ଧର୍ମ ପରିବର୍ତ୍ତନ କରିବାକୁ ରାଜି ନ ହେବାରୁ ଯୁବତୀଙ୍କୁ ଶାରୀରିକ ନିର୍ଯାତନା ଓ ମାନସିକ ଯନ୍ତ୍ରଣା ଦେଇଥିଲେ। ଏପରିକି ତାଙ୍କୁ ନଜର ବନ୍ଦୀ ଭାବେ ରଖାଯାଇଥିଲା। ତେବେ ଯୁବତୀ ଜଣକ କୌଣସି ଉପାୟରେ ସେଠାରୁ ଖସି ଆସିଥିଲେ। ଏହାପରେ ଶୁକ୍ରବାର ଯୁବତୀ ଜଣକ ଯାଜପୁର ରୋଡ଼ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଯୁବତୀ ଜଣକ ଥାନାରେ କରିଥିବା ଅଭିଯୋଗରେ ଆହୁରି ଦର୍ଶାଇଛନ୍ତି , ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ଶେଖ ସୋଲେମାନ ଯାଜପୁର ରୋଡ଼ରେ ଦୀର୍ଘଦିନ ରହି ରାଜମିସ୍ତ୍ରୀ ଭାବେ କାମ କରୁଥିଲେ। କିନ୍ତୁ ରାଜମିସ୍ତ୍ରୀ କାମ କରିବା ଏକ ବାହାନା ଥିବାବେଳେ ଲଭ ଜିହାଦ କାର୍ଯ୍ୟକୁ ସଫଳ କରିବା ତାଙ୍କ ଲକ୍ଷ୍ୟ ରହିଥିଲା । ସେ ସ୍ଥାନୀୟ ବାସିନ୍ଦାଙ୍କୁ ହିନ୍ଦୁ ଧର୍ମର ବୋଲି ପରିଚୟ ଦେବାକୁ ଯାଇ ନିଜର ଅସଲି ନାମ ଶେଖ୍ ସୋଲେମାନକୁ ଲୁଚାଇ ବିଟୁ ବିଶ୍ୱାସ ନାମରେ ନୂତନ ଆଧାର କାର୍ଡ ପ୍ରସ୍ତୁତ କରିଥିଲେ। ପରେ ଏକ ହିନ୍ଦୁ ଝିଅକୁ ପ୍ରେମ କରିଥିଲେ। ୨୦୧୯ରେ ଭଦ୍ରକ ସ୍ଥିତ ଭାରତ ମାତା ମନ୍ଦିରରେ ଉଭୟଙ୍କ ବିବାହ ହୋଇଥିଲା। ସେମାନେ ଯାଜପୁର ରୋଡ଼ରେ ଦୀର୍ଘ ଦିନ ଧରି ରହିବା ପରେ ସମ୍ପୃକ୍ତ ଯୁବତୀଙ୍କୁ ନିଜ ଘରକୁ ନେଇ ଯାଇଥିଲେ। ସେଠାରେ ବିଟୁ ବିଶ୍ୱାସ ଓରଫ ସୋଲେମାନ ମୁସଲିମ ସମ୍ପ୍ରଦାୟର ବୋଲି ଯୁବତୀ ଜଣକ ଜାଣିବାକୁ ପାଇଥିଲେ। ସେଠାରେ ଯୁବତୀଙ୍କୁ ଧର୍ମ ପରିବର୍ତ୍ତନ କରାଇବା ସହ ଗୋମାଂସ ଖାଇବାକୁ ବାଧ କରିଥିଲେ । ଏଭଳି ନିର୍ଯାତନା ସହି ନ ପାରି କୌଣସି ଉପାୟରେ ମୁର୍ଶିଦାବାଦରୁ ସେ ଖସି ଆସି ଯାଜପୁର ରୋଡ଼ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଯୁବତୀ ଜଣକ ନିଜ ଧର୍ମକୁ ଫେରିବାକୁ ଚାହିଁବା ସହ ଶେଖ୍ ସୋଲେମାନ ଓରଫ ବିଟୁ ବିଶ୍ୱାସଙ୍କୁ କୋଠାର ଦଣ୍ଡ ଦେବା ପାଇଁ ପୋଲିସ ପ୍ରଶାସନଙ୍କୁ ସେ ନିବେଦନ କରିଛନ୍ତି ।

ଏ ସଂକ୍ରାନ୍ତରେ ଯାଜପୁର ରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯୁବତୀଙ୍କ ଅଭିଯୋଗ ଅନୁସାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

**୨ ସ୍ଥାନରେ ନିଆଁ ଲାଗି ୪ ବଖରା ଭସ୍ମୀଭୂତ**

ରାଜକନିକା, (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ): ରାଜକନିକା ତହସିଲ ଅଞ୍ଚଳରେ ଶୁକ୍ରବାର ୨ଟି ସ୍ଥାନରେ ନିଆଁଲାଗି ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଅପରାହ୍ନ ୨ଟାରେ ବରଦା ଗାଁ ୧୮ ନଂ. ୱାର୍ଡର ନାରାୟଣ ମଳିକ, ୨ ପୁଅ ଛବିଲି ମଳିକ ଓ ବାବୁଲି ମଳିକଙ୍କ ୩ ବଖରା ନିଆଁ ଲାଗି ପୋଡ଼ିଯାଇଛି। ଏଥିରେ ଘରେଥିବା ସମସ୍ତ ଆସବାବପତ୍ର ପାଉଁଶ ହୋଇଯାଇଛି। ଖବରପାଇ ରାଜକନିକା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁ କିଛି ସରିଯାଇଥିଲା। ସେହିପରି ଗଜରାଜପୁର ଗାଁର ତଅପୋଇ ମଳିକଙ୍କ ଏକ ବଖରା ଭସ୍ମୀଭୂତ ହୋଇ ଯାଇଛି। ବିପନ୍ନଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ରଙ୍ଗ୍ ରୁଟ୍‌ରେ ଟ୍ରକ୍ ପାସ୍ ଅଭିଯୋଗରେ ୨ ଗିରଫ

ମାର୍ଶାଘାଇ,୮।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ନୀଳାଚଳ ବଜାର ନିକଟରେ ୭ଟି ଆଇରନ ବୋଝେଇ ଟ୍ରକ୍ ବେଆଇନ ଭାବେ ଡାହାଣ ପଟରେ ଯାଉଥିବା ବେଳେ ଗୁରୁବାର ସକାଳେ ପୋଲିସ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସକାଳୁ ନୀଳାଚଳ ବଜାରରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଚାଲୁଥିବା ବେଳେ କେନ୍ଦ୍ରାପଡ଼ା ପଟୁ ୭ ଟି ଆଇରନ ବୋଝେଇ ଟ୍ରକ୍ ଦ୍ରୁତ ତଥା ବେପରୁଆ ଢଙ୍ଗରେ ଧାଡି ଭାଙ୍ଗି ଡାହାଣ ପଟରେ ପାରାଦୀପ ଆଡକୁ ଯାଉଥିଲେ। ପୋଲିସ ଅଟକିବାକୁ ସିଗନାଲ ଦେଇଥିଲା। ମାତ୍ର ସେମାନେ ସିଗନାଲ ନ ମାନି ପୋଲିସ ଚେକ ପୋଷ୍ଟ ଭାଙ୍ଗି ପାରାଦୀପ ଆଡକୁ ଯାଇଥିଲେ। ପୋଲିସ ପିଛା କରି ଟ୍ରକ ଗୁଡିକୁ ଧରିବା ସହ ଏମାନଙ୍କୁ ସହାୟତା କରୁଥିବା ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ଶଗଡି ଗାଁର ଅଜମତ ଖାଁ(୨୨) ଓ ମିର୍ଜା ଅଲ୍ଲୀ ରଜାକ ବେଗ (୨୯)। ଏସ୍‌ଆଇ ଅଜୟ କୁମାର ସାହୁଙ୍କ ଅଭିଯାଗ ଭିତ୍ତିରେ ଥାନାରେ ନଂ. ୫୫/୨୪ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପ୍ରୀତିଲତା ଲାଲ ପ୍ରକାଶ କରିଛନ୍ତି।

### ଅଟୋ ଧକ୍କାରେ ଡିଲର ମୃତ

ଆଳି,୮।୩ (ବନମାଳୀ ସେନାପତି)

ଆଳି ଥାନା ଅନ୍ତର୍ଗତ ସାନଆଙ୍କୋ ଗାଁର ଉଦକର ପାଢ଼ୀ (୫୭) ଶୁକ୍ରବାର ସକାଳେ କୌଣସି ଏକ କାର୍ଯ୍ୟରେ କୋଳିଳା ଗ୍ରାମ ସ୍କୁଲ ପାଖ ପୋଖରୀ ନିକଟରେ ଗାଡ଼ି ରଖି ଠିଆ ହୋଇ ଜଣେ ବ୍ୟକ୍ତି ସହ କଥା ହେଉଥିଲେ। ଏହି ସମୟରେ ଅଟାଳ ଗାଁର ଜଣେ ଚାଳକ ଅଟୋ ନେଇ ଯାଉଥିବାବେଳେ ଉଦକରଙ୍କୁ ଧକ୍କା ଦେଇଥିଲେ। ଉଦଳକ କଚାଡି ହୋଇ ତଳେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହେବା ସହ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଉପସ୍ଥିତ ଲୋକମାନେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଆଳିରେ ପହଞ୍ଚିବା ପରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସାନଅଙ୍କୋ ଗାଁର ଖାଉଟି ଡିଲର ଉଦକର ଜଣେ ଶାନ୍ତ, ସରଳ ଓ ମେଳାପି ବ୍ୟକ୍ତି ଥିଲେ। ତାଙ୍କ ମୃତଦେହକୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସାନଆଙ୍କୋରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ଦିବସ ସହ ଜାଗର ଯାତ୍ରା ମନ୍ଦିରରେ ଥିବାବେଳେ ଏହି ଘଟଣା ସମସ୍ତଙ୍କୁ ମ୍ରିୟମାଣ କରିଛି।

### ଜାତୀୟ ରାଜପଥ ୫୩ ସମ୍ପ୍ରସାରଣ ପାଇଁ ଜାଗା ଚିହ୍ନଟ

ଜାଗା ହରାଇବା ଆଶଙ୍କାରେ ଚିନ୍ତାରେ ଅଧିବାସୀ

ପାରାଦୀପ,୮।୩(ଶରତ ରାଉତ)

ପାରାଦୀପ-ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥ ୮ ଲେନ୍ ବିଶିଷ୍ଟ ହେବ ବୋଲି ଗତ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଣ୍ଡିଖୋଲରେ ଘୋଷଣା କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏନେଇ ଗୁରୁବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ ପକ୍ଷରୁ କେତେଜଣ କର୍ମଚାରୀ ପାରାଦୀପ ଆସିଥିଲେ। ଏଥିସହ ଯେଉଁ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବ ତାକୁ ଚିହ୍ନଟ କରି ଛୋଟ ଖୁମ୍ବ ପୋତିଯାଇଛନ୍ତି। ଉକ୍ତ ଖୁଣ୍ଟରେ ଦର୍ଶାଯାଇଛି ବର୍ତ୍ତମାନ ରାସ୍ତା ପାଖରୁ ୧୪୩ ମିଟର ଅଧିଗ୍ରହଣ ହେବ। ଏହି ଖବର ପ୍ରଚାରିତ ହେବା ପରେ ପାରାଦୀପ ଅଠରବାଙ୍କୀଠାରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ରାଜପଥ କଡ଼ରେ ଥିବା ଅଧିବାସୀଙ୍କ ମଧ୍ୟରେ ଏକପ୍ରକାର ଭାଳେଣି ପଡ଼ିଛି। କାରଣ ଉକ୍ତ ୧୪୩ ମିଟର ମଧ୍ୟରେ ଶତାଧିକ ବହୁତଳ କୋଠା ଘର, ଶପିଂ ମଲ୍, ହୋଟେଲ, ପେଟ୍ରୋଲ ପମ୍ପ,ବ୍ୟବସାୟିକ ଅନୁଷ୍ଠାନ ଆଦି ରହିଛି। ରାଜପଥର ଗୋଟିଏ ପାର୍ଶ୍ୱରେ ତାଳଦଣ୍ଡା କେନାଲ ଥିବା ବେଳେ ଅପରପାର୍ଶ୍ୱରେ ଜନବସତିରହିଛି।ଉକ୍ତ ରାସ୍ତା ପାଇଁଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ୭୬.୬୪ କି.ମି.ର ଏହି ୮ ଲେନ୍ ରାସ୍ତା ପାଇଁ ସରକାର ୭୨୭.୩୮ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ସୂଚନା ମିଳିଛି।

# ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତହେଲା ଶୈବପୀଠ

ଡେରାବିଶ, ୮।୩ (ବେବର୍ତ୍ତା ଅଜୟ ଦାସ)

ପବିତ୍ର ଜାଗର ଅମାବାସ୍ୟା ଅବସରରେ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ଶୈବପୀଠଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଡେରାବିଶ ବ୍ଲକର ଶୈବପୀଠ ସବୁ ଉତ୍ସବମୁଖର ହୋଇଉଠିଥିଲା। ପ୍ରାତଃରୁ ବ୍ଲକ ଅଧୀନ ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ବିଶେଷ କରି ଜାଗର ଓଷା କରିଥିବା ଶ୍ରଦ୍ଧାଳୁମାନେ ନିର୍ଜଳା ଉପବାସ ରହି ଶୈବପୀଠଗୁଡ଼ିକରେ ମହାଦେବଙ୍କ ଦର୍ଶନ ପାଇଁ ଭିଡ଼ ଲଗାଇଥିଲେ। ଏହି ଅବସରରେ ବ୍ଲକ ଅଧୀନ କୁଅଁରପୁର ଦେଉଳିସ୍ଥିତ ହରିଶଙ୍କର, ଚାଟରାସ୍ଥିତ ଚାଟେଶ୍ୱର, ଜଗନ୍ନାଥପୁରସ୍ଥିତ ଆର୍ତ୍ତେଶ୍ୱର, ରାଜନଗରସ୍ଥିତ ଉମାକାନ୍ତେଶ୍ୱର, ପଞ୍ଚପାଣ୍ଡବସ୍ଥିତ ରାମେଶ୍ୱର ଓ ବଟେଶ୍ୱର, ନୀଳକଣ୍ଠପୁରସ୍ଥିତ ଶୃଙ୍ଗାରେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଅଧିକ ପରିଲକ୍ଷିତ ହୋଇଥିଲା। ସେହିପରି ଅର୍ତ୍ତାମୂଳସ୍ଥିତ ଖଲାରେଶ୍ୱର, ପାଣିଓଳାର କ୍ଷୀରେଶ୍ୱର, ଦକ୍ଷିଣଖଣ୍ଡଭୋଳ ସ୍ଥିତ କପିଳେଶ୍ୱର ମହାଦେବ, ଅଢ଼ଙ୍ଗାସ୍ଥିତ ମଲ୍ଲିକେଶ୍ୱର ମହାଦେବଙ୍କ ପୀଠ ସମେତ ବିଭିନ୍ନସ୍ଥାନରେ ଅଖଣ୍ଡ ଶିବ ପଞ୍ଚାକ୍ଷର ମନ୍ତ୍ର ସହ ଭଜନ, ସଂକୀର୍ତ୍ତନ ସମାରୋହ, କେତେଗୋଟି ଶୈବପୀଠରେ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଡେରାବିଶ ଥାନା, ନିକିରେଇ ଓ ସଦର ଥାନା ପକ୍ଷରୁ ଶୈବପୀଠଗୁଡ଼ିକରେ ଆଇନ ଶୃଙ୍ଖଳା ପାଇଁ ପୋଲିସ ବ୍ୟବସ୍ଥା କରାଯାଇଛି। ବିଳମ୍ବିତ ରାତିରେ ପ୍ରତ୍ୟେକ ଶୈବପୀଠରେ ମହାଦୀପ ଉଠିଥିଲା।


ରାଜକନିକାର ଏକ ଶିବ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି।

**ରାଜକନିକା,(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକର ବିଭିନ୍ନ ଶୈବପୀଠରେ ମହାକାଳଙ୍କ ଜାଗର ଉତ୍ସବ ପାଳିତ ହୋଇଯାଇଛି। ରାଜକନିକାରେ ଗୋକର୍ଣ୍ଣେଶ୍ୱର, କାଟଣାରେ କପିଳେଶ୍ୱର, କୋରନ୍ଦରେ ଝାଡ଼େଶ୍ୱର, ଦେଉଳିରେ ବିଶ୍ୱେଶ୍ୱର, ଲଙ୍ଗଳଭଞ୍ଜାରେ ଲଙ୍ଗଳେଶ୍ୱର, ଆଗପଡ଼ାରେ ଗୋଠେଶ୍ୱର, ନରହରିପୁର ଶାସନରେ ସ୍ୱପ୍ନେଶ୍ୱର ଆଦି ଶୈବପୀଠରେ ଶିବଙ୍କ ରୀତିନୀତି ଅନୁସାରେ ପୂଜାବିଧି କରାଯାଇଛି। ପ୍ରତ୍ୟେକ ଶୈବପୀଠରେ ପ୍ରାତଃ ୫ଟାରୁ ମହାଦେବଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା।

**ରାଜନଗର, (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କ ପବିତ୍ର ଜାଗରଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୋର ୪ଟାରେ ମଙ୍ଗଳ ଆରତି, ମହାସ୍ନାନ, ସକାଳ ଭୋଗ, ମଧ୍ୟାହ୍ନ ଭୋଗ, ବିଶ୍ରାମ ସନ୍ଧ୍ୟା ଆଳତି, ରୁଦ୍ରାଭିଷେକ ପ୍ରଭୃତି ନୀତି ନୈବେଦ୍ୟ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିର ବେଢାରେ ରୁଦ୍ର ମହାଯଜ୍ଞ କରାଯାଇଥିଲା। ମହା ଆଳତି ପରେ ଠାକୁରଙ୍କ ମହାଦୀପ ମଧ୍ୟ ରାତ୍ରରେ ମନ୍ଦିରର ଶିଖରରେ ସ୍ଥାପନ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ବେଢା ଚତୁଃପାର୍ଶ୍ୱରେ ଦୀପ ଜାଳି ନିଷ୍ଠାର ସହ ବ୍ରତ ପାଳନ କରୁଥିବା ଦେଖିବାକୁ ମିଳିଛି। ମନ୍ଦିର ବେଢାରେ ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ରାଜନଗର ବ୍ଲକ ଶ୍ରୀ ଶ୍ରୀରାଘବେଶ୍ୱର ମହାଦେବ ମନ୍ଦିର, ନାଥପୁରର ଶ୍ରୀ ଅଷ୍ଟଶମ୍ଭୁ ମନ୍ଦିର, ଗୋଖଣୀର ଗୋକର୍ଣ୍ଣେଶ୍ୱର ମନ୍ଦିର, ନଛିପଡାର ମଣିବାବା ମନ୍ଦିର, କେରେଡାଗଡ଼ର ଶ୍ରୀବାଲୁଙ୍କେଶ୍ୱର ମନ୍ଦିର, ରିଘାଗଡର ମଣିବାବା, ରାଜଗଡ, ଚମ୍ପାଦିଆ, ନୁରୁଗାଁ, ବାଲିକଣାଶାସନ ପ୍ରଭୃତି ଗ୍ରାମର ଶୈବପୀଠରେ ଜାଗର ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ଚନ୍ଦ୍ରମୌଳି, ହରପାର୍ବତୀ ପୀଠରେ ୫୦ ହଜାର ଭକ୍ତ


ପଟ୍ଟାମୁଣ୍ଡାଇ ଚନ୍ଦ୍ରମୌଳି ଶିବ ମନ୍ଦିରରେ ରାତିରେ ଶ୍ରଦ୍ଧାଳୁ ଦୀପ ଜାଳୁଛନ୍ତି।

ପଟ୍ଟାମୁଣ୍ଡାଇ,୮।୩(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚନ୍ଦ୍ରମୌଳି ଓ ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଜାଗରଯାତ୍ରା ପାଳନ ହେଉଛି। ଚନ୍ଦ୍ରମୌଳି ପୀଠରେ ଭୋର ୪ଟାରୁ ସେବାୟତଙ୍କ ଦ୍ୱାରା ନୀତିକାନ୍ତି କରାଯାଇ ସର୍ବସାଧାରଣ ଦର୍ଶନ ପାଇଁ ପହଡ଼ ଖୋଲାଯାଇଥିଲା। ଲକ୍ଷାଧିକ ଶ୍ରଦ୍ଧାଳୁ ପୀଠରେ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ଜାଗରଯାତ୍ରା ପାଇଁ ସମଗ୍ର ଚନ୍ଦ୍ରମୌଳି ଓ ହରପାର୍ବତୀ ପୀଠ ଚଳଚଞ୍ଚଳ ହୋଇଉଠିଛି। ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ଶିବ ମନ୍ଦିରରେ ପହଞ୍ଚି ମହାଦେବଙ୍କ ଆଶୀର୍ବାଦ ଲାଭ କରିଥିଲେ। ସମସ୍ତ ଶିବ ମନ୍ଦିରରେ ପ୍ରଭୁଙ୍କର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ପ୍ରଭୁ ଚନ୍ଦ୍ରମୌଳିଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ପୂର୍ବାହ୍ନରେ ରାଜନଗର ବିଧାୟକ ଧ୍ରୁବ ସାହୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଚନ୍ଦ୍ରମୌଳିଙ୍କ ଦର୍ଶନ କରିଥିଲେ। ଅପରାହ୍ନ ସାଢେ ୪ଟାବେଳେ ବେଢା ପରିକ୍ରମା କାର୍ଯ୍ୟକ୍ରମ ହୋଇଥିଲା। ରାତ୍ର ୪ଟାରେ ମାହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ହରପାର୍ବତୀ ମନ୍ଦିର ପ୍ରାଙ୍ଗଣରେ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରତ୍ୟୁଷରୁ ମନ୍ଦିରର ରୀତିନୀତି ଅନୁଯାୟୀ, ପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାଛଡା କଷଣଅଣ୍ଡା ଲକ୍ଷେଶ୍ୱର ମହାଦେବ, ବେଲତଳ ବେଲେଶ୍ୱର ମହାଦେବ, ପଟ୍ଟାମୁଣ୍ଡାଇ ଥାନା ଆଖଣ୍ଡଳମଣି ମନ୍ଦିର, ତନୁପୁର ମହାଦେବ ମନ୍ଦିର, ବାଲିପଡା ମହାଦେବ ମନ୍ଦିର, ବାଲିପାଟଣା ମହାଦେବ ମନ୍ଦିର, ନିମପୁର ଶିବମନ୍ଦିର, ଖଡିଅଣ୍ଡା କପିଳେଶ୍ୱର ମନ୍ଦିର, ତାତନା ଧବଳେଶ୍ୱର ମନ୍ଦିର, କାଠିଆପଡ଼ା ଦକ୍ଷିଣେଶ୍ୱର ମନ୍ଦିର, ନୀଳକଣ୍ଠପୁର ଶିବମନ୍ଦିର ସହ ସମସ୍ତ ମନ୍ଦିରରେ ଜାଗରଯାତ୍ରା ପାଳିତ ହୋଇଯାଇଛି।

### ଆନ୍ତର୍ଜାତିକ ମହିଳା ଦିବସ

କୁଜଙ୍ଗ,୮।୩(ମନୋଜ ପ୍ରଧାନ)

କୁଜଙ୍ଗ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ପଞ୍ଚାୟତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଲିଆଠାରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରାର୍ଥ ସାରଥି ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରି ଏହି ଦିବସ ପାଳନର ତାତ୍ପର୍ଯ୍ୟ, ମହିଳାମାନଙ୍କ ସାମାଜିକ ଅଧିକାର ଓ ସୁରକ୍ଷା ସଂକ୍ରାନ୍ତୀୟ ଆଇନ ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇ ଥିଲେ। ଏଥିରେ କୁଜଙ୍ଗ ଓକିଲ ସଂଘ ପୂର୍ବତନ ସଭାପତି ଆଇନଜୀବୀ ଅମୃତ ଦାସ ଯୋଗଦେଇ ସମାଜ ଗଠନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତିଏଏନ୍‌ଡିଯାଦବ, ସରକାରୀ ଓକିଲ ଜୋନାଲିନ ରାଉତ ଯୋଗଦେଇଥିଲେ। ତାଲୁକ ଆଇନ ସେବା କମିଟିର ରିଟେନର ପବିତ୍ର ମୋହନ ନାୟକ, ପାରା ଲିଗାଲ ସ୍ୱେଚ୍ଛାସେବୀ ଅଟଳ ଦାସ ଓ ପ୍ରଦୀପ ମୁଦୁଲି ଏହାକୁ ପରିଚାଳନା କରିଥିଲେ।

### ଗୋରେଖନାଥ ପୀଠରେ ଜାଗର ଉତ୍ସବ

ରଘୁନାଥପୁର,୮।୩(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ମହାଶିବରାତ୍ରି ଉପଲକ୍ଷେ ଜାଗର ଉତ୍ସବ ପାଳିତ ହୋଇଯାଇଛି। ଭୋରୁ ପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ ହେବା ପରେ ଦିନ ତମାମ ଭକ୍ତଙ୍କ ଆଗମନ ହୋଇଥିଲା। ସନ୍ଧ୍ୟାରୁ ଓଷା ରଖିଥିବା ଶ୍ରଦ୍ଧାଳୁମାନେ ପ୍ରୀଠରେ ଦୀପ ଜାଳି ବସିଥିଲେ। ରାତ୍ରି ୧୦ଟାରେ ମହାଦୀପ ଉଠିଥିଲା। ଭିଡକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ପଣ୍ଡୁଆ ଗ୍ରାମରେ ଅବସ୍ଥିତ ଶ୍ରୀଶ୍ରୀ ରୁଦ୍ରେଶ୍ୱର ମହାଦେବ, ସ୍ୱପ୍ନେଶ୍ୱର ମହାଦେବ, ଇଶାଣେଶ୍ୱର, ଶଙ୍କରେଶ୍ୱର, ଉତ୍ତରେଶ୍ୱର,


ଗୋରଖନାଥ ପୀଠରେ ଭକ୍ତମାନେ ଦୀପ ଜାଳୁଛନ୍ତି।

ସିଦ୍ଧହରିହର ପୀଠ ଓ ଆଖଣ୍ଡଳମଣି ମନ୍ଦିରରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା, କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ଜୀବନବଲ୍ଲଭ ମହାନ୍ତି, ରମେଶ ମହାନ୍ତିଓ ପ୍ରଦୀପ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗୋରେଖନାଥ ପୀଠରେ ଜାଗର ଉତ୍ସବ ପରିଚାଳିତ ହୋଇଥିଲା।

### ଶତାୟୁ ମହିଳାଙ୍କ ପରଲୋକ

ଡେରାବିଶ,୮।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ବିଶୋକ ଗାଁର ଶତାୟୁ ମହିଳା ଚିନା ଜେନା (୧୦୮)ଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଛି। ଜଣେ ଶତାୟୁ ବୃଦ୍ଧା ଭାବେ ତାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସପ୍ତାହେ ହେବ ବୟସାଧିକ କାରଣରୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଏକ ଶୋକାକୂଳ ପରିବେଶ ମଧ୍ୟରେ ଚିନାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଚିନାଙ୍କ ପୁଅ ଧରଣୀଧର ମୁଖାଗ୍ନି ଦେଇଥିଲେ। ଚିନାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ନାତି ଲକ୍ଷ୍ମୀକାନ୍ତ ଓ ବିଭୁଦତ୍ତ ଉପସ୍ଥିତ ଥିଲେ।

# ମହାଶିବରାତ୍ରି: ଚାରିଆଡ଼େ ଭକ୍ତିମୟ ପରିବେଶ

ଜଗତ୍‌ସିଂହପୁର, ୮।୩ (ପ୍ରମୋଦ କୁମାର ନାୟକ)

ମହାଶିବରାତ୍ରି ନେଇ ଶୁକ୍ରବାର ପ୍ରାତଃ ସମୟରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ସାରା ଜିଲାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଅନେକ ଶ୍ରଦ୍ଧାଳୁ ସକାଳୁ ମହାଦୀପ ଉଠିବା ପର୍ଯ୍ୟନ୍ତ ନିଷ୍ଠାର ସହ ଉପବାସ କରିଥିଲେ। ଜିଲାର ପ୍ରସିଦ୍ଧ ଶୈବପୀଠ ବିରିଁଅଳସ୍ଥିତ ଗଡେଶ୍ୱର ମହାଦେବ ମନ୍ଦିର ସମେତ ଜଗତ୍‌ସିଂହପୁର ସଦର ମହକୁମାସ୍ଥିତ ସୋମନାଥ ମହାଦେବ ମନ୍ଦିର, ଗୋପାଳସାଗରସ୍ଥିତ ମାର୍କଣ୍ଡେଶ୍ୱର ମହାଦେବ ମନ୍ଦିର, ବାରଙ୍ଗ ଜଗନ୍ନାଥ ମନ୍ଦିର ଆଦି ଶୈବ ପୀଠରେ ଶହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ଏପରିକି ଅନେକ ସ୍ଥାନରେ ପାଲା, ନାମ, ସଙ୍କୀର୍ତ୍ତନ, ଭଜନ ଓ କୀର୍ତ୍ତନରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କେତେକ ସ୍ଥାନରେ ଭଜନ ସନ୍ଧ୍ୟାର ଆୟୋଜନ ହୋଇଥିଲା।


ସୋମନାଥ ମନ୍ଦିରରେ ଭକ୍ତଙ୍କ ଭିଡ଼।

**ଏରସମା,(ଦୀପ୍ତି ଖଣ୍ଡୁଆଳ):** ଏରସମା ସ୍ଥିତ ଗ୍ରାମେଶ୍ୱର ପୀଠରେ ଶିବରାତ୍ରି ଉପଲକ୍ଷେ ଶହସ୍ରାଧିକ ଭକ୍ତଙ୍କ ଭିଡ ଜମିଥିଲା। ପ୍ରାତଃରୁ କଳସ ସ୍ଥାପନ, ସୂର୍ଯ୍ୟପୂଜା ପରେ ମହାଦେବଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ହୋଇଥିଲା। ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା। ଶ୍ରଦ୍ଧାଳୁ ଭୋଗ ସାମଗ୍ରୀ ଧରି ମନ୍ଦିର ବେଢ଼ା ଭିତରେ ଧାଡ଼ି ଲଗାଇଥିଲେ। ମଧ୍ୟାହ୍ନରେ ଖେଚୁଡ଼ି ପ୍ରସାଦ, ବଡ଼ନୀତି ହେବାପରେ ପହଡ଼ ପଡ଼ିଥିଲା। ଅପରାହ୍ନ ୩ଟାରେ ପୁଣି ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରଖାଯାଇଥିଲା। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବାଲିକୁଦା ଏରସମା ଯୁବ ବିଜେଡି ସଭାପତି ପାର୍ଥ ସାରଥି ରାଉତ, ସଞ୍ଜୀବ ବିଶ୍ୱାଳ ପ୍ରମୁଖ ମହାଦେବଙ୍କୁ ଦର୍ଶନ କରିଥିଲେ।

**ନାଉଗାଁ,(ସୁଧା ବେହୁରା):** ନାଉଗାଁ ବ୍ଲକର ବିଭିନ୍ନ ଶୈବ ପୀଠରେ ଜାଗରଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ତିହୁଡାର ଦକ୍ଷିଣେଶ୍ୱର, ନାଉଗାଁର ସାଧୁଗୋସ୍ୱାମୀ, ଘୋଡାଂଶର ଘୋଡେଶ୍ୱର, ନନ୍ଦିଗ୍ରାମର ନନ୍ଦିକେଶ୍ୱର, ତିରୁଣାର ସୁବର୍ଣ୍ଣେଶ୍ୱର, ଗଜରାଜପୁରର ତୁମ୍ବେଶ୍ୱର, ଗୋଠଦାର ଗୋଠେଶ୍ୱର, ତେଲସରାର ରାମେଶ୍ୱର, ଡାହାଣୀଖିଆର ବାବା ଜଟାଧାରୀ, କୋରୁଅର ନୀଳକଣ୍ଠେଶ୍ୱର, ଶାଳିଜଙ୍ଗାର ସିଦ୍ଧେଶ୍ୱର, ଗଙ୍ଗଦାର ମଉଳା ଭଣଜା ପୀଠରେ ଜାଗର ପାଳିତ ହୋଇଯାଇଛି। ନନ୍ଦିକେଶ୍ୱର ପୀଠରେ ସନ୍ଧ୍ୟାରେ ନନ୍ଦକିଶୋର ଯୁଥ କ୍ଲବ ପକ୍ଷରୁ ଏକ ଆଧାତ୍ମିକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ଗୋଠଦାମଠାଧୀଶ ମହନ୍ତ ମହାରାଜ ଚିନ୍ତାମଣୀ ପର୍ବତ ଗୋସ୍ୱାମୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ସମ୍ମାନିତ ଅତିଥିଭାବେ ଡ.ସତ୍ୟ ଚୌଧୁରୀ, ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ସଂଗ୍ରାମ କେଶରୀ ମହାନ୍ତି, ଉପାଧ୍ୟକ୍ଷ ଜିଲା ପରିଷଦ ସୁନ୍ଦରଗଡ ଲଲାଟେନ୍ଦୁ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରତିମା


@ ଶ୍ୟାମସୁନ୍ଦର


@ ତରୁଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଲିଙ୍ଗେଳେଶ୍ୱର ପୀଠରେ ସେବା ଦେଲେ ସ୍କାଉଟ୍ସ, ଗାଇଡ୍ସ

ଜଗତ୍‌ସିଂହପୁର, ୮।୩ (ପ୍ରମୋଦ କୁମାର ନାୟକ)

ଶିବରାତ୍ରୀ ଲାଗି ପୋଖପଡ଼ାସ୍ଥିତ ଶ୍ରୀଲଙ୍ଗଳେଶ୍ୱରଙ୍କ ପୀଠରେ ଭିଡ ଦେଖିବାକୁ ମିଳିଥିଲା। ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶ ତଥା ଜିଲା ସ୍କାଉଟ ଓ ଗାଇଡ ସମ୍ପାଦକ ବିଦ୍ୟାଧର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା। ଏହାକୁ ସ୍କାଉଟ ଅର୍ଗାନାଇଜ କମିଶନର ପ୍ରତାପ ଚନ୍ଦ୍ର ରାଉତରାୟ, ଗାଇଡ ଅର୍ଗାନାଇଜ କମିଶନର ଲତା ଦେଇ, ହରେକୃଷ୍ଣ ଲେଙ୍କା, ସସ୍ମିତା ଶତପଥୀ ଓ ସ୍କାଉଟ ମାଷ୍ଟର ଅଞ୍ଜନ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଓଡ଼ିଶୋସ୍ଥିତ କୁତାମଚଣ୍ଡୀ ବିଦ୍ୟାପୀଠ, କାଦୁଆପଡ଼ାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅଳସୁଧାସ୍ଥିତ ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ସ୍କାଉଟ୍ସ ଓ ଗାଇଡ୍ସ ଯୋଗଦେଇଥିଲେ। ସେମାନେ ମନ୍ଦିର ପ୍ରାଙ୍ଗଣରେ ସଫେଇ, ଯାନବାହାନ ରହଣୀକୁ ଶୃଙ୍ଖଳିତ କରିଥିଲେ।

### ସୌରଶକ୍ତିରେ ଚାଲିଲା ପଞ୍ଚାୟତ, ବ୍ଲକ୍ କାର୍ଯ୍ୟାଳୟ


ବିଧାୟକ ଶଶିଭୂଷଣ ବେହେରା ସୌର ପ୍ରକଳ୍ପକୁ ବୁଲି ଦେଖୁଛନ୍ତି।

କେନ୍ଦ୍ରାପଡ଼ା, ୮।୩ (ଜଗନ୍ନାଥ ଧଳ)

ବିକଶିତ ଓଡ଼ିଶା କ୍ଷେତ୍ରରେ କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରର ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକ ଗୋଟିଏ ପାଦ ଆଗକୁ ବଢ଼ିଛି। ରାଜ୍ୟରେ ପ୍ରଥମଥର ପାଇଁ ଏହି ନିର୍ବାଚନ କ୍ଷେତ୍ରର ସମସ୍ତ କାର୍ଯ୍ୟାଳୟକୁ ସୌରଶକ୍ତି ଚାଳିତ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକୁ କେନ୍ଦ୍ରାପଡ଼ା ବ୍ଲକ ପରିସରରେ ବିଧାୟକ ଶଶିଭୂଷଣ ବେହେରା ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ବେହେରା କହିଛନ୍ତି, କେନ୍ଦ୍ରାପଡ଼ା ଜିଲା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ। ସାମୁଦ୍ରିକ ବାତ୍ୟାଠାରୁ ବନ୍ୟା ଏଠାରେ ଦେଖିବାକୁ ମିଳେ। ଏହି ସମୟରେ ବିଦ୍ୟୁତ୍ ସରବରାହ ବ୍ୟାଘାତ ହେବା ସ୍ୱାଭାବିକ। ଫଳରେ ସାଧାରଣ ଜନତାଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ବିଧାନସଭା କ୍ଷେତ୍ରରେ ଥିବା ୩୯ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ସୌରଚାଳିତ କରିବାକୁ ୨ ବର୍ଷ ହେବ ଯୋଜନା ହୋଇଥିଲା। ଏଥିପାଇଁ ପ୍ରାୟ ଦେଢ଼କୋଟି ଟଙ୍କା ବ୍ୟୟ ହୋଇଛି। ବିଧାୟକ ପାଣ୍ଠିରୁ କେନ୍ଦ୍ରାପଡ଼ା ବ୍ଲକର ୨୭ ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକର ୧୨ ପଞ୍ଚାୟତକୁ ଏହି ଯୋଜନା ବ୍ୟୟ ବାବଦ ୩,୦୨,୮୫୮ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ପ୍ରାୟ ୩୦ ଲକ୍ଷ ଟଙ୍କା ଖର୍ଚ୍ଚରେ ବ୍ଲକ କାର୍ଯ୍ୟାଳୟକୁ ସୌରଚାଳିତ ଉର୍ଜାରେ ଚାଲିବା ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ଲୋକଙ୍କ ପାଖରେ ପ୍ରଶାସନ ସହଜରେ ପହଞ୍ଚିବା ସହ ବିଦ୍ୟୁତ୍ ଶକ୍ତି କ୍ରୟ ଓ ବିଲ୍ ପ୍ରଦାନରୁ ମୁକ୍ତି ମିଳିପାରିବ। ବଳକା ବିଦ୍ୟୁତ୍‌କୁ ବିକ୍ରି କରାଯାଇପାରିବ ବୋଲି ବିଧାୟକ ବେହେରା ଏହି ଅବସରରେ ସୂଚନା ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ବିଡିଓ ବନ୍ଦନା ପରିଡ଼ା, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀଙ୍କ ସମେତ ବିଜେଡିର ନେତା ଓ କର୍ମୀମାନେ ସାମିଲ ହୋଇଥିଲେ।

# ଲଡୁବାବାଙ୍କ ପୀଠରେ ଜାଗର ଜାଳିଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ଶରଣକୁଳ,୮।୩ (ଦୀପକ କର)

ଶୁକ୍ରବାର ମହାଶିବରାତ୍ରୀ ପାଇଁ ଭକ୍ତମୟ ହୋଇଉଠିଥିଲା ନୟାଗଡ଼ ଜିଲା ଶରଣକୁଳର ଲଡୁବାବାଙ୍କ ପୀଠ । ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶ୍ରଦ୍ଧାଳୁମାନେ ଲଡୁବାବାଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ଲକ୍ଷାଧିକ ଭକ୍ତ ଜାଗର ଜାଳି ବସିଥିଲେ । ମହାମୃତ୍ୟୁଞ୍ଜୟ ମନ୍ତ୍ର ଓ ଓଁ ନମଃ ଶିବାୟ ଧ୍ୱନୀରେ ମନ୍ଦିର ପରିସର ମୁଖରିତ ହୋଇ ଉଠିଥିଲା । ଗୁରୁବାର ରାତି ୧୨ଟାରୁ ଭୋର ୩ଟା ମଧ୍ୟରେ ଅବକାଶ ନୀତି, ବଲ୍ଲବ ନୀତି, ଶଙ୍ଖୁଡି ଭୋଗ ଶେଷ ହେବା ପରେ ସନ୍ଧ୍ୟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲାଯାଇଥିଲା । ଶୁକ୍ରବାର ସନ୍ଧ୍ୟା ୬.୩୦ ଠାରୁ ୭.୩୦ ପର୍ଯ୍ୟନ୍ତ ଟେରା ନୀତିହେବା ପରେ ରାତି ୧୦.୩୦ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲା ହୋଇଥିଲା । ରାତ୍ର ୧୦.୩୦ରେ ବେଢା ପରିକ୍ରମା ଆରମ୍ଭ ହୋଇ ରାତି ୧୨ଟାରେ ମହାଦୀପ ଉଠିଥିଲା । ପରେ ବେଢ଼ା ପରିକ୍ରମା ସାରି ବଡ଼ ସିଂହାର ଓ ଅନ୍ୟାନ୍ୟ ଦେବନୀତି ସମ୍ପନ୍ନ କରାଯାଇ ମନ୍ଦିର ବନ୍ଦ ହୋଇଥିଲା ।

ଜାଗର ଅବସରରେ ବର୍ଷରେ ଥରୁଟିଏ ବାବାଙ୍କଠାରେ କେତକୀ ଫୁଲ ଲାଗି ହୋଇଥିଲା । ଚାରି ପ୍ରହରରେ କ୍ଷୀର, ଆଖୁ ରସ, ମହୁ, ଘିଅ ଆଦି ଚାରି ପ୍ରକାର ଦ୍ରବ୍ୟରେ ରୁଦ୍ରାଭିଷେକ କରାଯାଇଥିଲା । ପ୍ରବଳ ଖରା



ଲଡୁବାବାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଉଛନ୍ତି ।

## ରାତି ୧୨ଟାରେ ଉଠିଲା ମହାଦୀପ

ଓ ଗୁଳୁଗୁଳିରେ ବି ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ବ୍ୟାରିକେଡ୍ ଦେଇ ବାବାଙ୍କୁ ଦର୍ଶନ କରିଥିଲେ । ବହୁ ଭକ୍ତ ନିଜର ମାନସିକ ପୂରଣ ଉଦ୍ଦେଶ୍ୟରେ ମନ୍ଦିର ବେଢାରେ ଗୁହାରିଆ ପଡିଥିବା ଦେଖିବାକୁ ମିଳିଥିଲା । ମନ୍ଦିର ପ୍ରଶାସନ ତରଫରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଛାମୁଣ୍ଡିଆ କରାଯାଇଥିଲା ।

ଭକ୍ତଙ୍କ ପାଇଁ ଶରଣକୂଳ ପଞ୍ଚାୟତ, ସତ୍ୟସାଇ ସେବା ସଙ୍ଗଠନ, ଗ୍ରୀନ କ୍ଲବ, ଶରଣକୁଳ ମହାବିଦ୍ୟାଳୟ ତରଫରୁ ପାଣି, ଦହିପଣା ଇତ୍ୟାଦି ବଣ୍ଟନ ଓ ପାଣି ସିଞ୍ଚନର ବ୍ୟବସ୍ଥା କରାଯାଇଥିଲା । ଶୈବ ସେବାୟତ ସଂଘ ତରଫରୁ ଏକ ସୂଚନା କେନ୍ଦ୍ର ସ୍ଥାପନ କରାଯାଇ ଯାତ୍ରୀମାନଙ୍କୁ ବିଭିନ୍ନ ସୂଚନା ପ୍ରଦାନ ସହିତ ଧାରା ବିବରଣୀ ପ୍ରଦାନ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ମନ୍ଦିର ବେଢ଼ା,ପୁଷ୍କରିଣୀର ଚତୁଃପାର୍ଶ୍ୱ ଏବଂ ମନ୍ଦିର ସାମନା ରାସ୍ତାରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ବସିଥିଲେ । ନୟାଗଡ଼ ଉପଜିଲାପାଳ ତଥା ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦାର, ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ, ଶରଣକୁଳ ଥାନା ଅଧିକାରିଣୀ ପୁଷ୍ପଲତା ବେହେରାଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଲଡୁବାବାଙ୍କ ମନ୍ଦିରକୁ ଆକର୍ଷଣୀୟ ବିଦ୍ୟୁତ ଆଲୋକରେ ସଜା ଯାଇଥିଲା ।

ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଦେବୋତ୍ତର ବିଭାଗ ତରଫରୁ ଭଜନ ସମାରୋହର ଆୟୋଜନ କରାଯାଇଥିଲା । ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ଏବଂ ଶୈବ ସେବାୟତ ସଂଘର ସଭାପତି ଅଶୋକ ମହାପାତ୍ର ଓ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର ଠାକୁରଙ୍କର ନିର୍ଘଣ୍ଟ ଅନୁସାରେ ନୀତିକାନ୍ତି ଶେଷ କରିଥିଲେ । ଯାତ୍ରା ପଡିଆରେ ରାମ ଦୋଳି, ମୀନାବଜାର, ବିଭିନ୍ନ କିସମର ଦୋକାନରେ ପ୍ରବଳ ଭିଡ ଲାଗି ରହିଥିଲା । ଅଶୋକ ସମ୍ରାଟ ଓ ଦୁର୍ଗା ମନ୍ଦିର ଅପେରା ସଂସ୍ଥା ସେମାନଙ୍କ ଯାତ୍ରା ପରିବେଷଣ କରିଥିଲେ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରତିମା



@ ଶ୍ୟାମସୁନ୍ଦର



@ ତରୁଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସବୁଠି ଓଁ ନମଃ ଶିବାୟ ଧ୍ୱନି

ଖଣ୍ଡପଡା,୮।୩(ଅଜୟ କୁମାର ମହାରଣା)

ମହାଶିବ ରାତ୍ରୀ ଅବସରରେ ଖଣ୍ଡପଡାସ୍ଥ ନୀଳକଣ୍ଠେଶ୍ୱର ମନ୍ଦିର, ଟିଙ୍କରୁଆ ନିକଟ ବନ୍ଧ ବିମଳେଶ୍ୱର ମହାଦେବ, ସୁବର୍ଣ୍ଣେଶ୍ୱର ମହାଦେବ, ବାଲୁଙ୍କେଶ୍ୱର ମହାଦେବ, ଖଣ୍ଡପଡ଼ାର ପ୍ରସିଦ୍ଧ ଶୈବ ପୀଠ ଲୋକନାଥ ଦେବ, ବାଘୁଆପଲ୍ଲୀସ୍ଥିତ ଧବଳେଶ୍ୱର ମହାଦେବ, ଖଳିସାହିସ୍ଥ ନୀଳକଣ୍ଠେଶ୍ୱର, ବୋଦଶା ଗ୍ରାମର ବାଲୁଙ୍କେଶ୍ୱର ମହାଦେବ, କଣ୍ଟିଲୋ ନୀଳମାଧବଜୀଉ ମନ୍ଦିର ପାର୍ଶ୍ୱ ଠାକୁର ସିଦ୍ଧେଶ୍ୱର ମହାଦେବ, ବଟେଶ୍ୱର ମହାଦେବ, କପିଳେଶ୍ୱର ମହାଦେବ, କୃଷ୍ଣେଶ୍ୱର ମହାଦେବ, ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ପାର୍ଶ୍ୱ ଆଖଣ୍ଡଳମଣିଙ୍କ ମନ୍ଦିର ଓ ନିକଟସ୍ଥ ନାରାୟଣୀଙ୍କ ପୀଠରେ ଶୁକ୍ରବାର ବହୁ ଭକ୍ତଙ୍କ ସମାବେଶ ହୋଇଥିଲା । ଭକ୍ତମାନେ ଭୋରରୁ ବିଭିନ୍ନ ପୋଖରୀ ଓ ମହାନଦୀରେ ସ୍ନାନ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।

## ଖଣ୍ଡପଡ଼ାର ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା

ଶତାଧିକ ମହିଳା ପୁରୁଷ ନୀଳମାଧବ ଜୀଉଙ୍କ ପାଦ ଦେଶରେ ପ୍ରବାହିତ ମହାନଦୀ ଘାଟରୁ ଜଳାଭାର ନେଇ ବିଭିନ୍ନ ଶୈବ ପୀଠକୁ ଯାତ୍ରା କରିଥିଲେ । ସନ୍ଧ୍ୟା ପୂଜା ନୀତି ପରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ଉଜାଗର ରହିଥିଲେ । ରାତି ପ୍ରାୟ ୧୨ଟା ସମୟରେ ମହାଦୀପ ଉଠିଥିଲା । କଣ୍ଟିଲୋ ବିହାରୀପାଟଣା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗୀତା ପାଠଶାଳା ପକ୍ଷରୁ ମହାଶିବରାତ୍ରି ଉତ୍ସବ ପାଳନ ହୋଇଥିଲା । ସେହିପରି କଣ୍ଟିଲୋରେ ଥିବା ଅନ୍ୟ ୪ ଗୀତା ପାଠଶାଳାରେ ମଧ୍ୟ ଶିବ ଧ୍ୱଜା ଉତ୍ତୋଳନ କରାଯାଇଥିଲା । ସନ୍ଧ୍ୟାରେ ବ୍ରତଧାରୀମାନେ ମାନସିକ ପୂରଣ ପାଇଁ ଦୀପ ଜାଳି ବେଢାରେ ବସିଥିବା ଦେଖିବାକୁ ମିଳିଥିଲା ।



ନୀଳମାଧବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

# ଜାଗର ପାଇଁ ରଣପୁର ଉତ୍ସବମୁଖର



ଭକ୍ତମାନେ ମନ୍ଦିରରେ ଦୀପ ଜାଳି ବସିଛନ୍ତି ।

ରଣପୁର,୮।୩(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ଶୈବପୀଠରେ ଜାଗର ଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି । ଗୋପାଳପୁର,ଚାନ୍ଦପୁର,ସୁନାଖଳା,ଓ ଦର୍ପନାରାୟଣପୁର ଅଞ୍ଚଳରେ ଥିବା ଶୈବ ପୀଠରେ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ରଣପୁରରେ ଥିବା ବାବା ଚଣ୍ଡେଶ୍ୱର,ସ୍ୱପ୍ନେଶ୍ୱର,ପୁରୁଣାବସନ୍ତର ବାଲୁଙ୍କେଶ୍ୱର, ମଝିଆଖଣ୍ଡର କମଳେଶ୍ୱର,ତାଳକଣିର ବୈଦେଶ୍ୱରଙ୍କ ପୀଠ ସହିତ ଅନ୍ୟାନ୍ୟ ଶୈବ ପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହିତ ଜାଗର ଜାଳିଥିଲେ । ଏଥିପାଇଁ ସନ୍ଧ୍ୟାରେ ବିଭିନ୍ନ ଶୈବପୀଠ ଦୀପ ଆଲୁଅରେ ଆଲୋକିତ ହୋଇଉଠିଥିଲା । ଶ୍ରଦ୍ଧାଳୁମାନେ ମହାଦୀପ ଉଠିବା ଦେଖିବାକୁ ଅପେକ୍ଷା କରି ରହିଥିଲେ । ଅଧିକାଂଶ ମନ୍ଦିରରେ ନିର୍ଦ୍ଧାରିତ ସମୟରେ ମହାଦୀପ ଉଠିଥିଲା । ଏହି ଅବସରରେ ବିଭିନ୍ନ ମନ୍ଦିରକୁ ରଙ୍ଗୀନ ଆଲୋକମାଳ ଓ ଫୁଲରେ ସଜ୍ଜିତ କରାଯାଇଥିଲା । ଅଷ୍ଟପ୍ରହର ନାମଯଜ୍ଞ, ସଂକୀର୍ତ୍ତନ ବି ଅନୁଷ୍ଠିତ ହୋଇଥିଲା । କେତେକ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଦଶପଲ୍ଲାରେ ଜାଗରଯାତ୍ରା

ଦଶପଲ୍ଲା,୮।୩ (ପ୍ରକାଶ କୁମାର ପାଣି)

ଶୁକ୍ରବାର ଦଶପଲ୍ଲାରେ ମହାଶିବରାତ୍ରୀ ଜାଗର ଯାତ୍ରା ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ଶିବ ମନ୍ଦିରରେ ପୂର୍ବାହ୍ନରୁ ଭକ୍ତମାନଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ମନ୍ଦିରରେ ଭକ୍ତମାନେ ଦୀପ ଜାଳି ପଞ୍ଚାକ୍ଷର ମନ୍ତ୍ର ଜପ କରିଥିଲେ । ଶିବରାତ୍ରି ନିମନ୍ତେ ବିଭିନ୍ନ ମନ୍ଦିର ସମ୍ମୁଖରେ ନାମ ସଂକୀର୍ତ୍ତନ ମାନ ଆୟୋଜନ କରାଯାଇଥିଲା । କେତେକ ସ୍ଥାନରେ ଯାତ୍ରାର ଆୟୋଜନ କରାଯାଇଥିଲା । ଦଶପଲ୍ଲାର ମାଳିସାହି,ପିଙ୍ଗିଛକ,ଅମଲାପଡା, କୃଷ୍ଣ ଚନ୍ଦ୍ରପୁରପାଟଣା, ସାତପାଟଣା, ଡିହଂଗା, ମଧଖଣ୍ଡ, ପାଣିଗୋଛା,ଟାକେରା,ବାମ, ଚଢ଼େୟା ପଲ୍ଲୀ ଆଦି ଅଞ୍ଚଳରେ ଥିବା ଶିବ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା ।



# ସଡ଼କ ଦୁର୍ଘଟଣାରେ ଡାକ୍ତର ମୃତ

ନୟାଗଡ଼,୮।୩(ଲୋକନାଥ ମିଶ୍ର)

## କ୍ଷଣ୍ଟ ସହ ବୁଲେଟ ଧକ୍କା

ନୟାଗଡ଼ ବ୍ଲକ ବଡପଣ୍ଡୁସର ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଲୋରେଲେ କୁମାର ସାହୁ(୩୫)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଡାକ୍ତର ଗୁରୁବାର ରାତିରେ ବୁଲେଟ୍‌ରେ ମହିପୁରରୁ ଇଟାମାଟି ଫେରୁଥିଲେ । ନୟାଗଡ଼ ନୂଆ ବସଷ୍ଟାଣ୍ଡଠାରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥରେ ଗୁରୁବାର ରାତି ପ୍ରାୟ ସାଢ଼େ ୧୧ଟାରେ ଏକ କ୍ଷଣ୍ଟ ସହ ତାଙ୍କ ବୁଲେଟ୍‌ର ଧକ୍କା ହୋଇଥିଲା । ଡାକ୍ତରଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଗୁରୁବାର ରାତିରେ ଡାକ୍ତରଙ୍କୁ ମୃତ ଘୋଷଣା କରାଯାଇଥିଲା । ଶୁକ୍ରବାର ବ୍ୟବଚ୍ଛେଦ କରାଇ ଡାକ୍ତର ଲୋରେଲଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ନୟାଗଡ଼ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଡାକ୍ତରଙ୍କ ମୃତ୍ୟୁକୁ ନେଇ ସାସ୍ଥ୍ୟ ବିଭାଗ ତରଫରୁ ଶୋକ ପ୍ରକାଶ ପାଇଛି । ବଡପଣ୍ଡୁସର ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରଠାରେ ସମସ୍ତ କର୍ମଚାରୀଙ୍କୁ ନେଇ ନୀରବ ପ୍ରାର୍ଥନା କରାଯାଇଥିଲା ।



# ନୟାଗଡ଼ରେ ବିଶ୍ୱ ମହିଳା ଦିବସ



ନୟାଗଡ଼,୮।୩ (ଲୋକନାଥ ମିଶ୍ର)

ସେତୁବନ୍ଧ ଓ ଜିଲା ଲେଖିକା ସଂସଦର ମିଳିତ ଆନୁକୂଲ୍ୟରେ ବିଶ୍ୱ ମହିଳା ଦିବସ ଶୁକ୍ରବାର ପାଳିତ ହୋଇ ଯାଇଛି । ପ୍ରଥମ ଅଧିବେଶନରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ବିଶେଷ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କନ୍ୟା ଭ୍ରୁଣ ହତ୍ୟା, ବାଲ୍ୟ ବିବାହ ଓ କର୍ମଜିବୀ ମହିଳାଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଲୋଚନା ହୋଇଥିଲା । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପିକା ପ୍ରିୟମ୍ବଦା ଦାଶ ଯୋଗ ଦେଇଥିବାବେଳେ ବାଦିରନ ବିବି ସଭାପତିତ୍ୱ କରିଥିଲେ । ସେତୁବନ୍ଧ ସମ୍ପାଦିକା ଉଷାମଣୀ ମିଶ୍ର ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ । ଆଶୁ ମିଶ୍ର, ପ୍ରତାପ ସାହୁ, ଗୋପୀନାଥ ସେଠୀ, ସୁଜାତା ତ୍ରିପାଠୀ, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ କବି କବୟତ୍ରୀ ନାରୀମାନଙ୍କର ସମସ୍ୟା ଓ ତା'ର ସମାଧାନ ସମ୍ବଳିତ କବିତା ପାଠ କରିଥିଲେ । ୨ୟ ଅଧିବେଶନରେ ନୟାଗଡ଼ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ ଯୋଗଦେଇ ସମାଜରେ ନାରୀ ପାଇଁ ପୁରୁଷଙ୍କ କେତେ ଆବଶ୍ୟକତା ସେ ନେଇ ଆଲୋଚନା କରିଥିଲେ । ଅଧକ୍ଷା ପୁରୁଷ ଦିବସ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ଶାନ୍ତିଲତା ମିଶ୍ର, ଗୀତାଞ୍ଜଳି ମହାପାତ୍ର, ପ୍ରିୟମ୍ବଦା ଦାଶ, ସୌଦାମିନୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀମାନେ କବିତା, ପ୍ରବନ୍ଧ ଲେଖି ସମ୍ମାନିତ ହୋଇଛନ୍ତି । ମମତା ମଞ୍ଜରୀ ଦେବୀ ଓ ସସ୍ମିତା ମିଶ୍ର କବିତା ସଂଯୋଜନା କରିଥିଲେ । ଉଷା ମିଶ୍ର ଧନ୍ୟବାଦ ଅର୍ପଣ କରି ଥିଲେ ।

# ଶିବପଞ୍ଚାକ୍ଷରରେ କମ୍ପିଲା ଶୈବପୀଠ

ନୟାଗଡ଼,୮ ।୩ (ଲୋକନାଥ ମିଶ୍ର)

ଓଁ ନମଃ ଶିବାୟ ପବିତ୍ର ଶିବ ପଞ୍ଚାକ୍ଷର, ସହସ୍ରନାମ, ବେଦପାଠ, ଭାଗବତ ଗୀତା ପାଠ ଓ ଭଜନ କୀର୍ତ୍ତନରେ ମୁଖରିତ ହୋଇ ଉଠିଛି ନୟାଗଡ଼ ଜିଲାର ୧୨ ଶମ୍ଭୁ ବଡ଼ପଣ୍ଡୁସରର ଉଗ୍ରେଶ୍ୱର, ନଛିପୁରର ଧବଳେଶ୍ୱର, ଚନ୍ଦ୍ରଶେଖରପୁରର ନୀଳକଣ୍ଠେଶ୍ୱର, ଗୁଞ୍ଜୁବାରଣର କପିଳେଶ୍ୱର, ବାହାଡାଝୋଲାର ଫୁଲେଶ୍ୱର, ଯଦୁପୁରର ସିଦ୍ଧେଶ୍ୱର, ରାବେରାର ମଧୁକେଶ୍ୱର, କଲ୍ୟାଣପୁରର ମୁକ୍ତେଶ୍ୱର, ଯାମୁପାଟଣାର ଦୂତୀକେଶ୍ୱର, ମାଳିସାହିର ଗତେଶ୍ୱର, ଗୋବିନ୍ଦପୁରର ସୋମନାଥଦେବ ଓ ଶରଣକୂଳର ଲଡୁବାବାଙ୍କ ପୀଠ । ସେହିପର ୩୫୬ ଶୈବ ପୀଠ ମଧ୍ୟ ଅନୁରୂପ ଭାବେ ମୁଖରିତ ହୋଇ ଉଠିଛି । ଶିବ ସ୍ତୁତିରେ ସାମିଲ ହୋଇଛନ୍ତି ଆବାଳ ବୃଦ୍ଧବନିତା । ଶ୍ରଦ୍ଧାଳୁମାନେ ମାନସିକ ରଖି ରାତି ଉଜାଗର ହୋଇ ଶିବଙ୍କ ପାଖରେ ଜାଳିଛନ୍ତି ଦୀପ । ଆଉ ଲାଗି କରିଥିଲେ ବେଲପତ୍ର,କେତକୀ, ପଳାସ ଫୁଲ । ସେବାୟତମାନେ ବାହାରେ ଭୋଗ କରି ଭକ୍ତମାନଙ୍କୁ ଦେଉଥିଲେ । ଭିନ୍ନ ଭିନ୍ନ ସମୟରେ ମହାଦୀପ ଉଠିଥିଲା । ବେଢ଼ାରେ ମହାଦୀପ ଦର୍ଶନ କରି ଜାଗର ଉପବାସ କରିଥିବା ଶ୍ରଦ୍ଧାଳୁମାନେ ବ୍ରତ ସମାପନ କରିଥିଲେ । ଜାଗର ଦୀପ ଉଠିବା ପରେ ମଧ ମନ୍ଦିର ଭିତରେ ଅଧିକାଂଶ ଶ୍ରଦ୍ଧାଳୁ ରାତି ଉଜାଗର ରହି ଦୀପ ଜାଳିଥିଲେ । ନୟାଗଡ ସହରର ଦେବୋତ୍ତର କଲୋନୀ ନିକଟସ୍ଥ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠ, ରାଜବାଟୀ ରୋଡର ଶାସ୍ତ୍ରୀ ନଗରସ୍ଥିତ ସିଦ୍ଧେଶ୍ୱରଙ୍କ ପୀଠ, ଖଣ୍ଡପଡା ରୋଡର ଆଖଣ୍ଡଳମଣି ଶୈବପୀଠ, ରାମେଶ୍ୱର ସାହିର ରାମେଶ୍ୱର ଶୈବ ପୀଠ, ନୟାଗଡ଼ ପୁରୁଣା ସହର ସାଗର ପୋଖରୀ ନିକଟ ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠ, ଜଗନ୍ନାଥ ମନ୍ଦିରର ପାର୍ଶ୍ୱ ଦେବତା ଶିବ ଠାକୁର, ସିନ୍ଦୁରିଆର ଲୋକନାଥ ଦେବ, ଦୁର୍ଗାପ୍ରସାଦର ଜଳେଶ୍ୱର ଦେବଙ୍କ ପୀଠ, ଇଟାମାଟିର ବାଲୁଙ୍କେଶ୍ୱର ପୀଠରେ ପ୍ରବଳ ଭିଡ ଲାଗି ରହିଛି । ବୁଧବାର ଦିନତମାମ ଭିଡ ଲାଗିରହିଥିବାବେଳେ ସନ୍ଧ୍ୟାରେ ପ୍ରତିଟି ଶୈବପୀଠରେ ଗହଳି ବଢ଼ି ଚାଲିଥିଲା ।



ଶୈବପୀଠରେ ମହିଳାମାନେ ଜାଗର ଜାଳୁଛନ୍ତି ।

- ୧୨ ଶମ୍ଭୁ ଓ ୩୫୬ ମନ୍ଦିରରେ ମହା ଶିବରାତ୍ରି
- ମହାଦୀପ ଦର୍ଶନ କଲେ ଶ୍ରଦ୍ଧାଳୁ

### ବର୍ଷା ଓ ବିଦ୍ୟୁତ୍ କାଟ ହେଲା ବାଧକ

ସନ୍ଧ୍ୟାରେ ଭକ୍ତମାନେ ବିଭିନ୍ନ ଶୈବ ପୀଠରେ ଦୀପ ଜାଳୁଥିବାବେଳେ ବର୍ଷା ବାଧକ ସାଜିଥିଲା । ଏପରି କି ଦୀପରେ ପାଣି ପଶି ଲିଭାଇ ଦେଇଥିଲା । ଭକ୍ତମାନେ ନିଜର ଦୀପ ନ ଲିଭିବାକୁ ଚେଷ୍ଟା କରିଥିଲେ ମଧ୍ୟ ବର୍ଷା ଭକ୍ତଙ୍କ ପାଇଁ ଦାଉ ସାଧିଥିଲା । ବର୍ଷା ଆରମ୍ଭ ହେବା ମାତ୍ରେ ବିଦ୍ୟୁତ୍ କାଟ୍ ଭକ୍ତଙ୍କୁ ଅତିଷ୍ଠ କରିଥିଲା । ବର୍ଷା ଯୋଗୁ କିଛି ଶ୍ରଦ୍ଧାଳୁ ଘରକୁ ଫେରି ଯାଇଥିଲେ । ବର୍ଷା ଛାଡିବା ପରେ ପୁଣି କେତେଜଣ ଶ୍ରଦ୍ଧାଳୁ ଦୀପ ପ୍ରଜ୍ୱଳନ କରିଥିଲେ ।

